# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ , ଖୋର୍ଦ୍ଧା

ପତ୍ର ସଂଖ୍ୟା ୩୬/ଗୃହରକ୍ଷୀ                                                        ତା  ୦୫/୦୩ /୨୦୨୫

**<u>ଖୋର୍ଦ୍ଧା ପୁଲିସ ଜିଲ୍ଲା ଗୃହରକ୍ଷୀ ସଂଗଠିତ ସଂସ୍ଥାରେ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ ନିମନ୍ତେ ସୂଚନା</u>**

ଖୋର୍ଦ୍ଧା ଜିଲ୍ଲାରେ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଇଚ୍ଛୁକ ପ୍ରାର୍ଥି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । । ଇଚ୍ଛୁକ ପ୍ରାର୍ଥି ଗୃହରକ୍ଷୀ ସଂସ୍ଥାରେ ପଞ୍ଜୀକୃତ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର **ଫର୍ମ-ଏ** ସମ୍ପୂର୍ଣ୍ଣ ରୂପେ ପୂରଣ କରି ତା ସହିତ ଉଦିଷ୍ଟ ପ୍ରମାଣ ପତ୍ର ସଲଗ୍ନ କରି ସିଧାସଳଖ "ସମାଦେଷ୍ଟା ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧାଙ୍କ ଠିକଣାରେ ସେମାନଙ୍କର ଆବେଦନ ପତ୍ର ତା. ୦୫.୦୩.୨୦୨୫ ରିଖ ତା.୨୦.୦୩.୨୦୨୫ ରିଖ ସୁଦ୍ଧା ଦାଖଲ କରିବା ପାଇ ଆହ୍ୱାନ କରାଯାଉଛି । ନିଯୁକ୍ତି  ପରୀକ୍ଷା  କେଉଁଠି ଏବଂ କେବେ ଅନୁଷ୍ଠିତ ହେବ ତାହା ଆବେଦନକାରୀ ନିକଟସ୍ଥ  ଥାନା / ଫାଣ୍ଡି / ସମାଦେଷ୍ଟା ଗୃହରକ୍ଷୀ ବାହିନୀ କାର୍ଯ୍ୟାଳୟ ରୁ  ଜାଣିପାରିବେ । ଆବେଦନ ଶେଷ ତାରିଖ ପରେ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କମ୍ପୁଟର , ବାହନ ଚାଳକ, ବିଦ୍ୟୁତ ମିସ୍ତ୍ରୀ , ପାଇପ ମିସ୍ତ୍ରୀ , ରୋଷେୟା, ବଢେଇ, ସଫେଇ, ବାରିକ ଇତ୍ୟାଦି କାର୍ଯ୍ୟରେ ଦକ୍ଷତା  ଏବଂ ବ୍ୟବହାରିକ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ । ମୋଟ ଖାଲି ଥିବା ପଦବୀ ସଂଖ୍ୟା ୧୬ । ଗୃହରକ୍ଷୀ ଏକ ସ୍ଥାୟୀ ଚାକରି ନୁହେଁ  । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷ  କାର୍ଯ୍ୟକାଳ ପାଇଁ । ନିଯୁକ୍ତି ଶୃଙ୍ଖଳା , ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ  ଏବଂ ସର୍ତବଳୀ ଓଡ଼ିଶା ଗୃହରକ୍ଷୀ  ଆଇନ ୧୯୬୧ ଏବଂ ଗୃହରକ୍ଷୀ  ନିୟମ ୧୯୬୨ ଏବଂ circular order No 01/ 2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ନିମନ୍ତେ ବ୍ୟବହୃତ ହେଉଥିବା **ଫର୍ମ –ଏ** ଏହି ଜିଲ୍ଲାର ସମସ୍ତ ଥାନା ମାନଙ୍କ ସହିତ ସମାଦେଷ୍ଟା ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଅଛି ।

**ଆବେଦନ କରିବା ପାଇଁ ଜଣେ <u>ପ୍ରାର୍ଥି ନିମ୍ନଲିଖିତ</u> ଯୋଗ୍ୟତା ଥିବା ଆବଶ୍ୟକ:-**

୦୧ . ପ୍ରାର୍ଥି ଜଣେ ଖୋର୍ଦ୍ଧା ଜିଲ୍ଲା ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୦୨. ପ୍ରାର୍ଥୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୦୩. ପ୍ରାର୍ଥୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୦୪. ପ୍ରାର୍ଥୀ ଓଡ଼ିଆ ଭାଷା ପଢ଼ି, ଲେଖି  ଏବଂ କହିପାରୁଥିବେ ।

୦୫. ପ୍ରାର୍ଥୀ ଜଣେ ଭଲ ନୈତିକ ଚରିତ୍ରର ଅଧିକାରୀ ହୋଇଥିବେ ଏବଂ ସେ କୌଣସି ଫୌଜଦାରୀ ମାମଲାରେ ବିଚାରର ସମ୍ମୁଖୀନ ହୋଇନଥିବେ କିମ୍ବା କୌଣସି ଫୌଜଦାରୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ  ।

୦୬. ପ୍ରାର୍ଥୀ ଜଣେ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ ଶରୀରର ଅଧିକାରୀ ହୋଇଥିବେ ଏବଂ ତାଙ୍କୁ କୌଣସି ଜଟିଳ ଶାରୀରିକ ସମସ୍ୟା ନ ଥିବ ।

**ଆବେଦନକାରୀଙ୍କୁ କେଉଁ <u>କାଗଜ ପତ୍ର</u> ଆବେଦନ ପତ୍ର ଫର୍ମ – <u>ଏ ସହିତ ସଲଗ୍ନ</u> କରିବାକୁ ପଡିବ :-**

୦୧. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରର ସ୍ୱ-ଅଣ୍ଣୁ ପ୍ରମାଣିତ ଅବିକଳ ନକଲ ।

୦୨. ଚାରିଗୋଟି ସ୍ୱ-ଅଣ୍ଣୁ ପ୍ରମାଣିତ ପାସପୋର୍ଟ ଫଟୋ ।

୦୩. ଆବାସିକ ପ୍ରମାଣ ପତ୍ର ଏବଂ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡ /ଭୋଟର କାର୍ଡ ) ।

୦୪ . ଦକ୍ଷତା ଅନୁଯାୟୀ ପ୍ରମାଣ ପତ୍ର ।

୦୫. ଟୋଲ ଫ୍ରୀ ନମ୍ବର-୦୬୭୫୫-୨୨୦୫୩୫

ସ୍ୱାଗତିକା ନାଥ
୫.୩.୨୫

**ସମାଦେଷ୍ଟା ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧିକ୍ଷକ**
**ଖୋର୍ଦ୍ଧା**

Commandant Home Guards
Khordha